# ସମନ୍ଵିତ ଶିଶୁବିକାଶ ପ୍ରକଳ୍ପ ଅଧିକାରୀ ଙ୍କ କାର୍ଯ୍ୟାଳୟ ,ଗୋପ

**ଆଦେଶ ସଂଖ୍ୟା :- ୧୬୧୯ / ତାରିଖ :- ୧୮.୦୬.୨୦୨୪**

ଏତଦଦ୍ଵାରା ଗୋପ ଶିଶୁବିକାଶ ପ୍ରକଳ୍ପ ଅଧିନସ୍ଥ ଭିଆଁପଡ଼ା ଅଙ୍ଗନବାଡି କେନ୍ଦ୍ର ଅନ୍ତର୍ଗତ ସମସ୍ତ ଜନସାଧାରଣଙ୍କ ଅବଗତି ନିମନ୍ତେ ଜଣାଇଦିଆଯାଉଛି ଯେ ,ମହିଳା ଓ ଶିଶୁବିକାଶ ନିର୍ଦ୍ଦେଶିକାଙ୍କ ଆଦେଶ ସଂଖ୍ୟା :-୪୯୭୨ /ତା:-୧୫.୦୩.୨୦୨୩ ଅନୁଯାୟୀ ଭିଆଁପଡ଼ା ଅଙ୍ଗନବାଡି କେନ୍ଦ୍ର କର୍ମୀ ପଦବୀ ପାଇଁ ଦରଖାସ୍ତ ଆହ୍ଵାନ କରାଯାଉଛି । ଇଚ୍ଛୁକ ପ୍ରାର୍ଥିନୀମାନେ ଅନଲାଇନ ମାଧ୍ୟମରେ ତା.୧୫.୦୭.୨୦୨୫ ରିଖ ଠାରୁ ତା.୨୯.୦୭.୨୦୨୫ ରିଖ ମଧ୍ୟରେ online (http://engagement.awc.odisha.gov.in)(Public login) ମାଧ୍ୟମରେ ନିମ୍ନ ସ୍ଵାକ୍ଷରକାରୀଙ୍କୁ ଆବେଦନ କରିପାରିବେ। ଧାର୍ଯ୍ୟ ତାରିଖ ଓ ସମୟ ପରେ କୌଣସି ଦରଖାସ୍ତ ଗ୍ରହଣ କରାଯିବ ନାହିଁ ।

| କ୍ର ସଂ | ଗ୍ରାମ ପଞ୍ଚାଯତ /ୱାର୍ଡ ନାମ | ଅଙ୍ଗନବାଡି କେନ୍ଦ୍ରର ନାମ | କେନ୍ଦ୍ର ପରିସରଭୁକ୍ତ ଅଞ୍ଚଳ | ମନ୍ତବ୍ୟ |
|---|---|---|---|---|
| ୧. | ଭିଆଁପଡ଼ା<br>ପଡାଗ୍ରାମ-ଖରଖରା<br>ପଡାଗ୍ରାମ-ସିଠୁରା | ଭିଆଁପଡ଼ା | ଘରନଂ-୦୧ ବୃନ୍ଦାବନ ବାରିକଙ୍କ ଘର ଠାରୁ ଘରନଂ-୨୧୦ ପୂର୍ଣ୍ଣଚନ୍ଦ୍ର ସାହୁଙ୍କ ଘର ପର୍ଯ୍ୟନ୍ତ। | |

ଏହି ନିଯୋଜନ ସମ୍ପୂର୍ଣ ଅସ୍ଥାୟୀ,ଯେ କୌଣସି ସମୟରେ ବିନା ନୋଟିସରେ କାର୍ଯ୍ୟ ରୁ ବାହାର କରାଯାଇ ପାରିବ। ଏହା ସରକାରୀ କିମ୍ବା ବେସରକାରୀ ଚାକିରି ନୁହେଁ । ଏହା କର୍ମ ବର୍ଦ୍ଧିତ ଦରମା ହାର ପରିସର ଭୁକ୍ତ ନୁହେଁ । ଅଙ୍ଗନବାଡି କର୍ମୀ ସମ୍ପୃକ୍ତ ଅଞ୍ଚଳର ଜନସାଧାରଣ ଙ୍କର ସେବା କରିବା ନିମନ୍ତେ ସ୍ଵେଚ୍ଛା ସେବୀ ହିସାବରେ ନିଯୋଜିତ ହେବେ। ଅଙ୍ଗନବାଡି କର୍ମୀ ମାସିକ ଟ. ୧୦,୦୦୦(ଦଶ ହଜାର ଟଙ୍କା) ମାତ୍ର ପାରିଶ୍ରମିକ ମନଦେୟ ପାଇବେ। ସେମାନେ କର୍ମୀ ଭାବେ ଭବିଷ୍ୟତରେ କୌଣସି ନିୟମିତ ନିଯୁକ୍ତି ନିମନ୍ତେ ଦାବି କରିପାରିବେ ନାହିଁ।

ଉପରୋକ୍ତ ଅଙ୍ଗନବାଡି ପରିସର ଭୁକ୍ତ ଅଞ୍ଚଳରୁ ଇଚ୍ଛୁକ ପ୍ରର୍ଥିନୀ ମାନଙ୍କ ଠାରୁ ଆବେଦନ ପତ୍ର ଗ୍ରହଣ କରାଯାଉଅଛି। ମହିଳା ଓ ଶିଶୁ ବିକାଶ ବିଭାଗ,ଭୁବନେଶ୍ଵର ଙ୍କ ଆଦେଶ ସଂଖ୍ୟା –୪୯୭୨ /ତା:-୧୫.୦୩.୨୦୨୩ରିଖ ଅନୁଯାୟୀ ପ୍ରର୍ଥିନୀ ମାନେ ନିମ୍ନ ପ୍ରଦତ୍ତ ଓ ଯୋଗ୍ୟତା ପୂରଣ କରୁଥିବା ଆବଶ୍ୟକ।

<u>ସର୍ତ୍ତ ଓ ଯୋଗ୍ୟତା</u>

୧। ପ୍ରର୍ଥିନୀ ଜଣେ ମହିଳା ଓ ସେହି ଅଙ୍ଗନବାଡି କେନ୍ଦ୍ର ପରିସର ଭୁକ୍ତ ଅଞ୍ଚଳର ସ୍ଥାୟୀ ଅଧିବାସୀ ହୋଇଥିବେ। (କେବଳ ଯେଉଁ ଅଞ୍ଚଳରୁ ଅଙ୍ଗନବାଡି କେନ୍ଦ୍ର ହୋଇଅଛି ସେହି ଅଙ୍ଗନବାଡି ର ପରିସରଭୁକ୍ତ) ଏହାର ପ୍ରମାଣ ସ୍ଵରୂପ ପ୍ରର୍ଥିନୀ ସ୍ଥାୟୀ ବାସିନ୍ଦାର ପ୍ରମାଣ ପତ୍ର ତହସିଲଦାର ଙ୍କ ଠାରୁ ଆଣି ତାହାର ସହି ନକଲ ଦରଖାସ୍ତ ରେ ସଲଗ୍ନ କରିବେ। ଏହି ପ୍ରମାଣ ପତ୍ର ୬ ମାସ ରୁ ଅଧିକ ହୋଇନଥିବ।

୨। ତା. ୦୧.୦୧.୨୦୨୫ରିଖ ସୁଧା ପ୍ରର୍ଥିନୀ ଙ୍କର ବୟସ ୧୮ ବର୍ଷ ରୁ କମ କିମ୍ବା ୩୫ବର୍ଷ ରୁ ଅଧିକ ହୋଇନଥିବ।

୩। ଅଙ୍ଗନବାଡି କେନ୍ଦ୍ର ନିମିତ ପ୍ରର୍ଥିନୀ ଅନୁନ୍ୟ ଯୁକ୍ତଦୁଇ (+୨)ପାସ କରିଥିବା ଆବଶ୍ୟକ।

୪। ପ୍ରର୍ଥିନୀ ଯଦି ହରିଜନ/ ଆଦିବାସୀ ହୋଇଥିବେ ଜାତିଗତ ପ୍ରମାଣ ପତ୍ର ତହସିଲଦାର ଙ୍କ ଠାରୁ ଆଣି ତାହାର ସହି ନକଲ (ସ୍ଵଅନୁପ୍ରାଣିତ) ଦରଖାସ୍ତ ସହ ସଲଗ୍ନ କରିବେ ।

୫। ପ୍ରର୍ଥିନୀ ଯଦି ବିଧବା ହୋଇଥାନ୍ତି ତେବେ ସ୍ଵାସ୍ଥ୍ୟକେନ୍ଦ୍ର ରୁ ପ୍ରାପ୍ତ ସ୍ଵାମୀ ଙ୍କ ମୃତ୍ୟୁ ପ୍ରମାଣପତ୍ର ର ସହି ନକଲ ଦରଖାସ୍ତ ସହ ସଲଗ୍ନ କରିବେ ।

୬। ପ୍ରର୍ଥିନୀ ଯଦି ଅବିବାହିତା ହୋଇଥିବେ ଏବଂ ତାଙ୍କ ବୟସ ୩୫ ବର୍ଷରୁ ଅଧିକ ହୋଇଥିବ ଏବଂ ପିତୃମାତୃ ହିନ ନିରାଶୟ ଅସହାୟ ମହିଳା ହୋଇଥିବେ ତେବେ ସରପଞ୍ଚ/ ତହସିଲଦାର ଙ୍କ ଠାରୁ ପ୍ରମାଣପତ୍ର ଆଣି ଦରଖାସ୍ତରେ ସଲଗ୍ନ କରିବେ ।

୭। ପ୍ରାର୍ଥିନୀ ଶାରୀରିକ ଅକ୍ଷମ ହୋଇଥିଲେ ମୁଖ୍ୟ ଜିଲ୍ଲା ଚିକିତ୍ସା ଅଧିକାରୀ(C.D.M.O) ଙ୍କ ଠାରୁ ପ୍ରାପ୍ତ ବିକଳାଙ୍ଗ ପ୍ରମାଣପତ୍ର ଦରଖାସ୍ତରେ ସଲଗ୍ନ କରିବେ ।

୮। ଅନାଥ ନିରାଶ୍ରୟ (DESTITUDE) ଓ ପଳାତକ (DESERTED) ପ୍ରାର୍ଥିନୀ ସ୍ୱାଧାର ଗୃହ ର ପ୍ରମାଣପତ୍ର ସ୍ୱଅନୁପ୍ରାଣିତ ନକଲ ଦରଖାସ୍ତ ରେ ସଲଗ୍ନ କରିବେ ।

୯। ଦରଖାସ୍ତରେ ଏକ ଗୋଟି ପାସପୋର୍ଟ ସାଇଜି ର ସ୍ୱଅନୁପ୍ରାଣିତ ଫୋଟୋ ସଲଗ୍ନ କରିବେ ।

୧୦। ଇ . ସି. ସି. ଇ କର୍ତ୍ତା ଭାବେ ଆଭିଜ୍ଞତା ଥିଲେ ପ୍ରମାଣପତ୍ର ସଲଗ୍ନ କରିବେ ।

୧୧। କମିଟି ର ମନୋନୟନ ପରେ ଯଦି କୌଣସି ଆପତି ଅଭିଯୋଗ ଥାଏ ତାହେଲେ ପ୍ରାର୍ଥିନୀ ପ୍ରଥମେ ଅପିଲ ପ୍ରାଧିକାର (APPEALLTE AUTHORITY) ଭାବରେ ଅତିରିକ୍ତ ଜିଲ୍ଲାପାଳ ପୁରୀ ଙ୍କ ଠାରେ ଅଭିଯୋଗ କରିପାରିବେ ।

୧୨। ଉପୋରକ୍ତ ସର୍ତାବଳି ସହ ଆବଶ୍ୟକୀୟ ପ୍ରମାଣପତ୍ର ସଲଗ୍ନ କରି ଆବେଦନ ପତ୍ର ଗୁଡିକୁ ଅନଲାଇନ (ONLINE) ମାଧମରେ ତା. ୧୫.୦୭.୨୦୨୫ରିଖ ଠାରୁ ତା. ୨୯.୦୭.୨୦୨୫ରିଖ ମଧରେ ଶିଶୁ ବିକାଶ ଯୋଜନା ଅଧିକାରିଣୀ ଗୋପ ଙ୍କୁ ଆବେଦନ କରିବେ।ନିର୍ଧାରିତ ତାରିଖ ପରେ କୌଣସି ଦରଖାସ୍ତ କିମ୍ବା ପ୍ରତିଶୃତି (UNDERTAKING) ପତ୍ର ଗ୍ରହଣ କରାଯିବ ନାହିଁ। ତା. ୩୦.୦୭.୨୦୨୫ ରିଖ ଦିବା ୧୧.୦୦ ଘଟିକା ଠାରୁ ଦରଖାସ୍ତ ଗୁଡିକ ପ୍ରାର୍ଥିନୀ ମାନଙ୍କ ଉପସ୍ତିତିରେ ସମସ୍ତ ସାର୍ଟିଫିକେଟର ମୂଳ ପ୍ରମାଣପତ୍ର ସହ ଶିଶୁ ବିକାଶ ଯୋଜନା ଅଧିକାରିଣୀ,ଗୋପ ଙ୍କ କାର୍ଯ୍ୟାଳୟ ରେ ଯାଞ୍ଚ କରାଯିବ।

୧୩। ଯଦି କୌଣସି ପ୍ରାର୍ଥିନୀ ଭୁଲ କିମ୍ବା ମିଛ ପ୍ରମାଣପତ୍ର ଦାଖଲ କରିଥାନ୍ତି ତେବେ ସେ ସମ୍ବନ୍ଧୀୟ ଅଭିଯୋଗ ତା. ୩୧.୦୭.୨୦୨୫ରିଖ ଠାରୁ ତା. ୦୬.୦୮.୨୦୨୫ ରିଖ ମଧରେ ନିମ୍ନ ସ୍ୱାକ୍ଷରକାରୀଙ୍କ କାର୍ଯ୍ୟାଳୟ ରେ ଦାଖଲ କରିପାରିବେ। ସେହି ଅଭିଯୋଗ ମନୋନୟନ କମିଟି (SELECTION COMMITTEE) ଦ୍ୱାରା ଯାଞ୍ଚ କରାଯିବ ।

ଶିଶୁ ବିକାଶ ପ୍ରକଳ୍ପ ଅଧିକାରୀ,ଗୋପ

ପରିପତ୍ର ସଂଖ୍ୟା. ୧୨୨୦ /ତା. ୧୪.୦୭.୨୦୨୫

ଏହାର ଏକକିତା ନକଲ ପ୍ରକଳ୍ପ ସଂଯୋଜକ ମହିଳା ଶିଶୁ ବିକାଶ ବିଭାଗ,ଓଡିଶା,ଭୁବନେଶ୍ୱର/ ଉପ-ଜିଲ୍ଲାପାଳ,ପୁରୀ / ଜିଲ୍ଲା ସମାଜ ମଙ୍ଗଳ ଅଧିକାରୀ,ପୁରୀ /ମଣ୍ଡଳ ଉନୟନ ଅଧିକାରୀ,ଗୋପ / ଚିକିତ୍ସାଅଧିକାରୀ ସ୍ୱାସ୍ଥ୍ୟ କେନ୍ଦ୍ର ,ଗୋପ ଙ୍କ ସଦୟ ଅବଗତି ଓ ବିହିତ କାର୍ଯ୍ୟାନୁଷ୍ଠାନ ନିମନ୍ତେ ପ୍ରେରଣ କରାଗଲା ।

ଶିଶୁ ବିକାଶ ପ୍ରକଳ୍ପ ଅଧିକାରୀ,ଗୋପ

ପରିପତ୍ର ସଂଖ୍ୟା. ୧୨୨୧ /ତା. ୧୪.୦୭.୨୦୨୫

ଏହାର ଏକକିତା ନକଲ କାର୍ଯ୍ୟାଳୟ ରେ ନୋଟିସ ଫଳକରେ ଜନସାଧାରଣଙ୍କ ଗୋଚରାର୍ଥେ ତଥା ବହୁଳ ପ୍ରଚାର ନିମନ୍ତେ ଲଗାଇବା ପାଇଁ ଅନୁରୋଧ କରାଗଲା । ଏହାର ଏକକିତା ନକଲ ସରପଞ୍ଚ ଭିଆଁପଡ଼ା / ପରିଷଦ ୱାର୍ଡ ନଂ-୯ ଅବଗତି ନିମନ୍ତେ ପ୍ରେରଣ କରାଗଲା । ଏହାର ଅନ୍ୟ ଏକକିତା ନକଲ ଗ୍ରାମପଞ୍ଚାୟତ ନୋଟିସ ବୋର୍ଡ ରେ ଲଗାଇ ଜନସାଧାରଣଙ୍କ ଅବଗତି ନିମନ୍ତେ ଜଣାଇବା ପାଇଁ ଅନୁରୋଧ କରାଗଲା ।

ଶିଶୁ ବିକାଶ ପ୍ରକଳ୍ପ ଅଧିକାରୀ,ଗୋପ

ପରିପତ୍ର ସଂଖ୍ୟା. ୧୨୨୨ /ତା. ୧୪.୦୭.୨୦୨୫

ଏହାର ଏକକିତା ନକଲସମ୍ପୃକ୍ତ ଅଙ୍ଗନବାଡି କର୍ମୀ ଙ୍କ ଅବଗତି ନିମନ୍ତେ ପ୍ରେରଣ କରାଗଲା । ଅନ୍ୟ ଦୁଇକିତା ନକଲ ଗ୍ରାମର ମଧମ ସ୍ଥଳୀ ଏବଂ ଜନସାଧାରଣଙ୍କ ଚଳପ୍ରଚଳ ସ୍ଥାନରେ ବହୁଳ ପ୍ରଚାର ନିମନ୍ତେ ଲଗାଇବା ପାଇଁ ଏବଂ ଅନ୍ୟ ଏକକିତା ନକଲ ସମ୍ପୃକ୍ତ ଅଙ୍ଗନବାଡି କେନ୍ଦ୍ର ପରିସର ମଧରେ ଥିବା ଅଧିବାସୀ ମାନଙ୍କ ଠାରୁ ପ୍ରଚାର ପରିପ୍ରେକ୍ଷୀରେ ଦସ୍ତଖତ କରାଇ ଶିଶୁ ବିକାଶ ପ୍ରକଳ୍ପ ଅଧିକାରୀଙ୍କ ନଥିଭୁକ୍ତ କରାଇବା ପାଇଁ ପ୍ରେରଣ କରାଗଲା ।

ଶିଶୁ ବିକାଶ ପ୍ରକଳ୍ପ ଅଧିକାରୀ,ଗୋପ